بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୯ ଅଗଷ୍ଟ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ହୁନେନ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ଏବଂ ଜର୍ମାନୀର ବାର୍ଷିକ ଧର୍ମ ସମ୍ମିଳନୀରେ ଯୋଗଦାନକାରୀଙ୍କୁ ମହାମହିମ ହୁଜୁର ଅନଓ୍ୱର ଅ.ବଙ୍କର ବିଶେଷ ଉପଦେଶ ଓ ବିଶ୍ୱର ଉତ୍କଟ ପରିସ୍ଥିତି ସାମାନ୍ୟ ହେବା ନିମନ୍ତେ ଦୁଆ କରିବାକୁ ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ହୁନେନ୍ ଯୁଦ୍ଧ ସଂକ୍ରାନ୍ତରେ ଆଜି ମୁଁ ଅତିରିକ୍ତ ଘଟଣାବଳୀର ଚର୍ଚ୍ଚା କରିବି । ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ମକ୍କାରୁ ପ୍ରସ୍ଥାନ କରିବା ସମୟରେ ହଜରତ ଅତାବ୍ ବିନ୍ ଉସେଦ୍ ର.ଅଙ୍କୁ ମକ୍କାର ଅମିର୍ ମନୋନୀତ କଲେ । ସେ ମକ୍କାର ପ୍ରଥମ ଅମିର୍ ନିଯୁକ୍ତ ହୋଇଥିଲେ । ସେତେବେଳେ ତାଙ୍କର ବୟସ ପାଖାପାଖି ୨୦ବର୍ଷ ଥିଲା । ମକ୍କାବାସୀଙ୍କୁ ଇସଲାମ୍ ଧର୍ମର ଶିକ୍ଷା ଦେବା ପାଇଁ ହଜରତ ମାଜ୍ ବିନ୍ ଜବଲ୍ ର.ଅଙ୍କୁ ନିଯୁକ୍ତ କରାଯାଇଥିଲା । ହଜରତ ଅତାବ୍ ଓ ତାଙ୍କ ପିତା କୁରୈଶ ବଂଶଜର ଅଧିପତି ବର୍ଗର (ଲୋକ) ଥିଲେ ଏବଂ ସେମାନେ ଇସଲାମ୍ ପ୍ରତି ଭୀଷଣ ଶତ୍ରୁ ରଖୁଥିଲେ । ଅତାବ୍‌ଙ୍କର ଅବସ୍ଥା ଏପରି ଥିଲା ଯେ, ମକ୍କା ବିଜୟ ଦିନ ଯେତେବେଳେ ହଜରତ ବିଲାଲ୍ ଅଜାନ୍ ଦେଲେ ସେତେବେଳେ ସେ କହିଲେ; ଈଶ୍ୱରଙ୍କର ଆମ ଉପରେ ଅଶେଷ କୃପା ଯେ, ମୋ ପିତା ଏହି ଅଜାନ୍ (ଶବ୍ଦ) ଶୁଣିବା ପୂର୍ବରୁ ଇହଧାମ ତ୍ୟାଗ କରିଗଲେ । ତା'ପରେ ଅତାବ୍ ଇସଲାମ ଧର୍ମ ସ୍ୱୀକାର କରି ନେଇଥିଲେ । ହୁଜୁରସ.ଅ ହଜରତ ଅତାବ୍ ର.ଅଙ୍କୁ ମକ୍କାର ଶାସକ ପଦରେ ନିଯୁକ୍ତ କରିଥିଲେ ଏବଂ ତାଙ୍କୁ କହିଲେ; ହେ ଅତାବ୍ ! ମୁଁ ତୁମକୁ ଅଲ୍ଲାଃଙ୍କ ଅନ୍ତଃବାସୀଙ୍କର ଶାସକ ମୁତୟନ କରିଛି, ତୁମେ ସେମାନଙ୍କ ସହିତ ନମ୍ର ଆଚରଣ କରିବ । ହଜରତ ଅତାବ୍ ପୁଣ୍ୟଶ୍ଲୋକ ସ.ଅଙ୍କ ନିଧନ ପର୍ଯ୍ୟନ୍ତ ମକ୍କାର ପ୍ରଶାସକ ଦାୟିତ୍ୱରେ ମୁତୟନ ଥିଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ସେ ହଜରତ ଅବୁବକର୍ ର.ଅଙ୍କ ଖିଲାଫତ୍ କାଳରେ ମଧ୍ୟ ମକ୍କାର ଶାସକ ଦାୟିତ୍ୱ ତୁଲାଇ ଥିଲେ ।

ହଜରତ ମୁହମ୍ମଦସ.ଅ ହୁନେନ୍ ଯୁଦ୍ଧ ନିମନ୍ତେ ଶଓ୍ୱାସ ମାସ ୬ ତାରିଖ ଅର୍ଥାତ୍ ଶନିବାର ଦିନ ପ୍ରସ୍ଥାନ କରିଥିଲେ ଏବଂ ୧୦ ତାରିଖ ଦିନ ହୁନେନ୍ ସ୍ଥଳେ ପହଞ୍ଚି ଥିଲେ । ମହାଭାଗଙ୍କର ପବିତ୍ର ସହଧର୍ମିଣୀମାନଙ୍କ ମଧ୍ୟରୁ ହଜରତ ଜୈନବ୍ର.ଅ ଏହି ଅଭିଯାନରେ ହୁଜୁର ସ.ଅଙ୍କ ସହିତ ସାମିଲ ଥିଲେ । ଏହି ଯୁଦ୍ଧରେ ମୁସଲମାନ ସିପାହୀ ଓ ଯୁଦ୍ଧ ଉପକରଣ ଉଭୟ ଦୃଷ୍ଟିକୋଣରୁ ମୁସଲମାନମାନଙ୍କ ସଂଖ୍ୟା ଯଦିଚ ଶତ୍ରୁମାନଙ୍କ ତୁଳନାରେ ଖୁବ୍ କମ୍ ରହିଥିଲା । କିନ୍ତୁ ଏଯାବତ୍ ମୁସଲମାନମାନେ ଲଢ଼ି ଥିବା ସମସ୍ତ ଯୁଦ୍ଧରେ ରହିଥିବା (ମୁସଲମାନ ସୈନିକଙ୍କ) ଅନୁପାତରେ ଅଧିକ ଥିଲା । ଆଇମାଃ ମଗାଜି ଉଲ୍ଲେଖ କରିଛନ୍ତି; ହୁଜୁରସ.ଅ ୧୨ହଜାର ସୈନିକଙ୍କ ସହିତ ପ୍ରସ୍ଥାନ କରିଥିଲେ । ୧୦ହଜାର ତ ସେହି ସାହାବାମାନେ ଥିଲେ ଯେଉଁମାନେ ମକ୍କା ବିଜୟ ଅବସରରେ ସାମିଲ ଥିଲେ ଅର୍ଥାତ୍ ମଦିନାରୁ ଆସି ଥିଲେ, ବାକି ଦୁଇ ହଜାର ମକ୍କାରୁ ହୁଜୁର ସ.ଅଙ୍କ ସହିତ ସମ୍ମିଳିତ ହୋଇଥିଲେ ।

ହଜରତ ସୋହେଲ୍ର.ଅ ବର୍ଣ୍ଣନା କରନ୍ତି, ମୁଁ ମହାଭାଗ ସ.ଅଙ୍କ ସହିତ ହୁନେନ୍ ଅଭିଯାନରେ ଯାତ୍ରା କରୁଥିଲି ଏବଂ ଆମେ ସୁଦୀର୍ଘ ଯାତ୍ରା କଲୁ ଏପରିକି ସନ୍ଧ୍ୟା ହୋଇଗଲା । ମୁଁ ମହାଭାଗ ସ.ଅଙ୍କ ସହିତ ନମାଜରେ ସାମିଲ

ହୋଇଗଲି । ଇତି ମଧ୍ୟରେ ଜଣେ ଆରୋହଣକାରୀ ଆସି କହିଲେ; ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଆପଣଙ୍କ ଆଗେ ଆଗେ ଯାଉଥିଲି ଏବଂ ମୁଁ ଦେଖିଲି ଯେ, ହୱାଜିନ୍ କବିଲା ନିଜ ମହିଳା ଓ ଜୀବଯନ୍ତୁଙ୍କୁ ମଧ୍ୟ ନିଜ ସହିତ ସାମିଲ କରି ନେଇଛନ୍ତି । ଏହା ଶୁଣି ପୁଣ୍ୟଶ୍ଳୋକ ସ୍ମିତହାସ୍ୟ ପ୍ରକାଶ କରି କହିଲେ; କାଲି ଇନ୍‌ଶାଅଲ୍ଲାଃ ସେହି ମାଲେ ଗନିମତ୍ ମୁସଲମାନମାନଙ୍କର ଅଧିକାରଭୁକ୍ତ ହେବ । ସେଥିଅନ୍ତେ କହିଲେ; ଆଜି ରାତିରେ କିଏ ଆମର ପହରା ଦେବ ? ହଜରତ ଅନସ୍ ବିନ୍ ଅବି ମୁରସଲ୍ ଉତ୍ତର ଦେଲେ, ଆଜ୍ଞା ମୁଁ ଉପସ୍ଥିତ ଅଛି । ହୁଜୁର[ସ.ଅ] ତାଙ୍କୁ କହିଲେ; ସେହି ଘାଟିକୁ ଚାଲିଯାଅ ଏବଂ ଏପରି ନହେଉ କି ଆମେ ତୁମ ଯୋଗୁଁ କ୍ଷତିଗ୍ରସ୍ତ ହୋଇଯାଉ ଅର୍ଥାତ୍ ସଜାଗ ସତର୍କ ହୋଇ ପହରା ଦେବ । ଯେତେବେଳେ ପ୍ରାତଃ ସମୟ ହେଲା ହୁଜୁର[ସ.ଅ] ଫଜର୍ ନମାଜ୍ ପାଇଁ ବାହାରିଲେ ଏବଂ ନମାଜ ପାଠ କରିବା ପରେ କହିଲେ; ତୁମମାନଙ୍କୁ ଅଭିନନ୍ଦନ ତୁମର ବାହନ ଆସିଯାଇଛି । ତା'ପରେ ହଜରତ ଅନସ୍ ବିନ୍ ଅବି ମୁରସଲ୍ [ର.ଅ]ଙ୍କୁ କହିଲେ; **ତୁମ ପାଇଁ ବୈକୁଣ୍ଠ ଅନିବାର୍ଯ୍ୟ ହୋଇଯାଇଛି ।**

ମାଲିକ୍ ବିନ୍ ଔଫ୍ ତିନିଜଣ ଗୁପ୍ତଚରଙ୍କୁ ମୁସଲମାନ ସେନାର ଖବର ଆଣିବା ନିମନ୍ତେ ପ୍ରେରଣ କରିଥିଲା । ସେମାନେ ଯେତେବେଳେ ତାହା ନିକଟକୁ ଫେରିଲେ ସେତେବେଳେ ସେମାନେ ସଜ୍ଞାହରା ହୋଇଯାଇଥିଲେ । ତେବେ ସେମାନେ ମାଲିକ୍‌କୁ ସୂଚନା ଦେଲେ ଆମେ ଅଶ୍ୱଗୁଡ଼ିକ ଉପରେ ଧବଳ ରଙ୍ଗର ଲୋକମାନଙ୍କୁ ଦେଖିଲୁ । ଯଦି ଯୁଦ୍ଧ ହେଲା ତେବେ ଆମେ ମୁସଲମାନମାନଙ୍କୁ କାବୁ କରିପାରିବା ନାହିଁ । **ଯେତେବେଳେ ଆମେ ଏହି ଧରାପୃଷ୍ଠର ଲୋକମାନଙ୍କୁ ନିଜ ଅଧୀନ କରୁପାରୁ ନାହେଁ ତେବେ ଆକାଶବାସୀଙ୍କୁ କିପରି ବା ନିଜ ଅଧୀନ କରିପାରିବା ।** ତେଣୁ ଆମ କଥା ମାନ ଆଉ ଏଠାରୁ ପ୍ରତ୍ୟାବର୍ତ୍ତନ କରିଚାଲ, ଏଥିରେ ମାଲିକ୍ ବିନ୍ ଔଫ୍ ସେମାନଙ୍କ ଉପରେ କ୍ରୋଧିତ ହେଲା ଓ ଜଣେ ବଳବାନ ବ୍ୟକ୍ତିକୁ ପ୍ରେରଣ କଲା । ସେ ଯାଇ ଶୀଘ୍ର ଫେରି ଆସିଲା ଏବଂ ସେ ମଧ୍ୟ ମୁସଲମାନ ସେନାକୁ ଦେଖି ପ୍ରଭାବିତ ହୋଇଗଲା । ଆଉ ସେ ବି ସେହି ସମାନ କଥା କହିଲା ଯେ, ଆମର ଏଠାରୁ ଫେରିଯିବା ମଙ୍ଗଳମୟ ହେବ । କିନ୍ତୁ ମାଲିକ୍ ବିନ୍ ଔଫ୍ ସେମାନଙ୍କର କଥାରେ ରାଜି ହେଲା ନାହିଁ ।

ହଜରତ ସଲ୍‌ମା ବିନ୍ ଅକୁ ବର୍ଣ୍ଣନା କରନ୍ତି, ଆମେମାନେ ହୁଜୁର [ସ.ଅ]ଙ୍କ ସହିତ ହୱାଜିନ୍ କବିଲା ଉପରେ ଆକ୍ରମଣ କଲୁ ସେତେବେଳେ ଜଣେ ବ୍ୟକ୍ତି ଆସିଲା ଓ ବସିଯାଇ କଥାବାର୍ତ୍ତା କରିବାକୁ ଲାଗିଲା । ସେଥିଅନ୍ତେ ସେ ଓଟ ଉପରେ ଆରୋହଣ କରି ତୀବ୍ର ବେଗରେ ପଳାୟନ କଲା । ହୁଜୁର[ସ.ଅ] ତାହାକୁ ଦେଖି କହିଲେ; ସେ ଜଣେ ଗୁପ୍ତଚର, ତାହାକୁ ଧର ଓ ବଧ କରିଦିଅ । ଅତଏବ ସାହାବାମାନେ ତାହାକୁ ଧରିନେଲେ ଓ ନିହତ କରିଦେଲେ । ହୁନେନ୍ ଉପତ୍ୟାକାରେ ଅନେକ ଘାଟି ରହିଛି । ଅତଃ ମାଲିକ୍ ବିନ୍ ଔଫ୍ ନିଜ ସୈନିକମାନଙ୍କୁ ମୁସଲମାନମାନଙ୍କ ଉପରେ ହଠାତ୍ ଆକ୍ରମଣ କରିବା ସକାଶେ ସେହି ଘାଟିଗୁଡ଼ିକରେ ଛପି ରହିବାକୁ ନିର୍ଦ୍ଦେଶ ଦେଲା । ଅମାନ୍ୟକାରୀଙ୍କ ସୈନ୍ୟଶର୍ଯ୍ୟା ଏପରି ଥିଲା ଯେ, ସେମାନଙ୍କ ଅଶ୍ୱାରୋହୀ ଦଳ ସର୍ବାଗ୍ରେ ରହିଥିଲେ ଓ ତାଙ୍କ ପଛରେ ପଦାତିକ ସୈନ୍ୟ ବାହିନୀ । ଆଉ ସେମାନଙ୍କ ପଛରେ ଓଟ ଉପରେ ମହିଳା ଓ ପିଲାମାନେ ଆରୋହଣ କରିଥିଲେ ଏବଂ ତାଙ୍କ ପଛରେ ସେମାନଙ୍କ ଗାଈଗୋରୁ ଓ ଅନ୍ୟାନ୍ୟ ସାମଗ୍ରୀ ରହିଥିଲା ।

ହଜରତ ମୁହମ୍ମଦ[ସ.ଅ] ବନୁ ସଲିମ୍‌ର ଏକ ହଜାର ଅଶ୍ୱାରୋହୀ ବିଶିଷ୍ଟ ଦଳକୁ ସେନାର ସମ୍ମୁଖରେ ସ୍ଥାନ ଦେଲେ ଓ ହଜରତ ଖାଲିଦ୍ ବିନ୍ ୱଲିଦ୍ [ର.ଅ]ଙ୍କୁ ସେମାନଙ୍କ ଅଧ୍ୟକ୍ଷ କଲେ । ନବୀଶ୍ରେଷ୍ଠ ସେନାର ମଧ୍ୟ ଭାଗରେ ଥିଲେ । ହୁଜୁର[ସ.ଅ] ଅନସାର୍ ଓ ପ୍ରବାସକାରୀଙ୍କ ମଧ୍ୟରେ ଧ୍ୱଜା ବିତରଣ କଲେ । ପ୍ରବାସକାରୀଙ୍କର ଏକ ଧ୍ୱଜା ହଜରତ ଅଲୀ [ର.ଅ]ଙ୍କୁ ପ୍ରଦାନ କଲେ, ଅନ୍ୟ ଏକ ଧ୍ୱଜା ହଜରତ ସାଦ୍ ବିନ୍ ଅବି ୱକାଶ [ର.ଅ]ଙ୍କୁ ପ୍ରଦାନ କଲେ । ଗୋଟିଏ ଧ୍ୱଜା ହଜରତ ଉମର୍ [ର.ଅ]ଙ୍କୁ ପ୍ରଦାନ କଲେ । ବନୁ ଖଜରଜ୍‌ର ଧ୍ୱଜା ହଜରତ ହବାବ୍ ବିନ୍ ମୁନଜିର୍ [ର.ଅ]ଙ୍କୁ ଓ ଅଓ୍ୱସ ଦଳର ଧ୍ୱଜା ହଜରତ ଉସେଦ୍ ବିନ୍ ହଜିର୍ [ର.ଅ]ଙ୍କୁ ପ୍ରଦାନ କଲେ । ଯଦିଚ ହୁନେନ୍ ଯୁଦ୍ଧରେ ପ୍ରାଥମିକ ବିଜୟ ମୁସଲମାନମାନଙ୍କର ହୋଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଅମାନ୍ୟକାରୀମାନେ ଅତର୍କିତ ଭାବରେ

ଆକ୍ରମଣ କରି ଦେବାରୁ ମୁସଲମାନ ସେନା ବିକ୍ଷିପ୍ତ ହୋଇଗଲା ଏବଂ ମୁସଲମାନମାନଙ୍କୁ କ୍ଷଣିକ ପରାଜୟ ବରଣ କରିବାକୁ ପଡିଥିଲା । ସେଥିଅନ୍ତେ ମୁସଲମାନମାନଙ୍କୁ ବୃହତ ବିଜୟ ହାସଲ ହୋଇଥିଲା । ସହି ବୁଖାରୀର ବର୍ଣ୍ଣନାନୁଯାୟୀ ହଜରତ ବରା ବିନ୍ ଆଜିବ୍ ବର୍ଣ୍ଣନା କରନ୍ତି; ଆମେମାନେ ହୱାଜିନ୍ କବିଲା ଉପରେ ଆକ୍ରମଣ କଲୁ ଓ ସେମାନଙ୍କୁ ପରାଜିତ କରିଦେଲୁ । ତା'ପରେ ଆମେମାନେ ସେମାନଙ୍କ ଧନସମ୍ପତ୍ତି ଏକତ୍ରୀତ କରିବାକୁ ଲାଗିଲୁ । ଏହା ଦେଖି ସେମାନେ ଆମ ଉପରେ ତୀର ବର୍ଷା କରିବାକୁ ଲାଗିଲେ । ଏଥିଯୋଗୁଁ ସେହି ଯୁବକମାନେ ଯାହାଙ୍କ ନିକଟରେ ପ୍ରତିରକ୍ଷା କରିବାର କୌଣସି ଉପକରଣ ନଥିଲା ସେମାନେ ପୃଷ୍ଠଭଙ୍ଗ ଦେଇ ପଳାୟନ କଲେ । **କିନ୍ତୁ ମହାଭାଗ ନିଜ ସ୍ଥାନରେ ଅବିଚଳ ଓ ଅଟଳ ରହିଥିଲେ, ସେତେବେଳେ ମହାଭାଗ ଧବଳ ରଙ୍ଗର ଖଚ୍ଚର ଉପରେ ଆରୋହଣ କରିଥିଲେ ।**

ମହାମହିମ ହୁଜୁର ଅନୱର[ଅ.ବ] କହିଲେ; ପ୍ରତ୍ୟେକ ଯୁଦ୍ଧରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କର ବୈଶିଷ୍ଟ୍ୟ ଏହା ଥିଲା ଯେ, ରଣଭୂମିରେ କିପରି ଉତ୍କଟ ପରିସ୍ଥିତ ହେଉ ନା କାହିଁକି ମହାଭାଗ ଯେପରି ସାହସ ଓ ବୀରତା ପ୍ରଦର୍ଶନ କରୁଥିଲେ ତାହାର ନମୁନା କୌଣସି ସ୍ଥଳେ ଦେଖିବାକୁ ମିଳୁ ନାହିଁ । **ଯେଉଁସ୍ଥଳେ ବଡ ବଡ ବୀର, ମଲ୍ଲ ଯୋଦ୍ଧାମାନଙ୍କର ପଦସ୍ଖଳନ ହେଉଥିଲା ସେପରି ସ୍ଥଳେ ମହାଭାଗ ଚଟାଣ ପରି ଦଣ୍ଡାୟମାନ ହୋଇଥିବାର ଦୃଶ୍ୟମାନ ହେଉଥିଲେ** । ହଜରତ ମୁସଲେହ୍ ମଉଦ[ର.ଅ] ହୁନେନ୍ ଯୁଦ୍ଧ ଦିନ ତୀର ଆଘାତ ଖାଇ ପଶ୍ଚାତପଦ ଦେଇଥିବା ମୁସଲମାନ ସୈନିକମାନଙ୍କର ଚର୍ଚ୍ଚା କରି କୁହନ୍ତି; ଯେତେବେଳେ ଶତ୍ରୁ ପକ୍ଷ ଅହରହ ତୀର ନିକ୍ଷେପ କରୁଥିଲା ସେତେବେଳେ ମହାଭାଗ ମାତ୍ର ସ୍ୱଳ୍ପ ସଂଖ୍ୟକ ସାହାବାଙ୍କୁ ସାଥିରେ ନେଇ ଶତ୍ରୁ ଆଡ଼କୁ ଅଗ୍ରସର ହେଲେ । ହଜରତ ଅବୁବକର୍[ର.ଅ] ଶତ୍ରୁର ଭୀଷଣ ତୀର ବର୍ଷଣ କରିବା ଦେଖି ମହାଭାଗ [ସ.ଅ]ଙ୍କୁ ଆଗକୁ ଅଗ୍ରସର ହେବାକୁ ବାରଣ କଲେ ଓ ଆଗକୁ ବଢ଼ି ମହାଭାଗଙ୍କ ବାହନର ଲଗାମ ଧରିନେଲେ । କିନ୍ତୁ ହୁଜୁର[ସ.ଅ] କହିଲେ; ମୋ ବାହନର ଲଗାମ ଛାଡ଼ିଦିଅ, ତା'ପରେ ଏହି କବିତା ପାଠ କରି ସମ୍ମୁଖଗାମୀ ହେଲେ ଯେ,

ଆନା ନବୀଯ୍ୟୁ ଲାକଜିବ୍ ଅନା ଇବ୍‌ନେ ଅବ୍‌ଦୁଲ୍ ମୁତଲିବ୍

ଅର୍ଥାତ୍ ମୁଁ ଈଶ୍ୱରଙ୍କ ଅବତାର ଓ ମୁଁ ମିଥ୍ୟାବାଦୀ ନୁହେଁ ଏବଂ ମୁଁ ଅବ୍‌ଦୁଲ୍ ମୁତଲିବ୍‌ଙ୍କର ସନ୍ତାନ । ଏପରି କହିବାରେ ମହାଭାଗ [ସ.ଅ]ଙ୍କର ତାତ୍ପର୍ଯ୍ୟ ଏହା ଥିଲା କି ଏବେ ଶତ୍ରୁ ପକ୍ଷର ୪୦୦୦ ସୈନିକମାନଙ୍କର ତୀର ବର୍ଷଣ କରିବା ସମୟରେ ଆଗକୁ ଅଗ୍ରସର ହେବା ମାନବୀୟ ବିଶେଷତାରୁ ଉର୍ଦ୍ଧ୍ୱ ପ୍ରତୀତ ହେଉଛି ଏବଂ ଏଥିରୁ କେହି ଭ୍ରମର ଶିକାର ହୋଇ ନଯାଉ ଯେ, ହୁଜୁର [ସ.ଅ]ଙ୍କ ଠାରେ କୌଣସି ଦୈବିଶକ୍ତି ରହିଥିଲା । ବରଂ ମହାଭାଗ ଏପରି ଭ୍ରମର ନିବାରଣ କରିଦେଲେ ଯେ, ମୁଁ ତ ଅବ୍‌ଦୁଲ୍ ମୁତଲିବ୍‌ଙ୍କ ସନ୍ତାନ ଓ ଜଣେ ମାନବ । ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ମୋ ସହିତ ଏଥିପାଇଁ ଜଡିତ କାରଣ ମୁଁ ତାଙ୍କ ପ୍ରେରିତ ଦୂତ । ଯେତେବେଳେ ମୁସଲମାନ ସେନା ବିକ୍ଷିପ୍ତ ହୋଇଗଲେ ସେତେବେଳେ ପୁଣ୍ୟଶ୍ଳୋକଙ୍କ ନିକଟରେ ଅଳ୍ପ କେତେଜଣ ସାହାବା ରହିଯାଇଥିଲେ । ଯାହାଙ୍କ ସଂଖ୍ୟା ୪ରୁ ୩୦୦ମଧ୍ୟରେ ଥିବାର ବର୍ଣ୍ଣନା ମିଳୁଅଛି । ବର୍ଣ୍ଣନାରେ ଉଲ୍ଲେଖ ରହିଛି ହୁନେନ୍ ରଣକ୍ଷେତ୍ରରୁ ସମସ୍ତ ମୁସଲମାନମାନେ ପଳାୟନ କରି ନଥିଲେ, ବରଂ ମକ୍କାର ସେହି କପଟ ବିଶ୍ୱାସୀ ଲୋକମାନେ ଯାହାଙ୍କୁ କିଛି ସାହାଯ୍ୟ ପ୍ରଦାନ କରାଯାଇଥିଲା ଓ ଅନ୍ୟମାନେ ଯିଏକି ମୁସଲମାନ ସେନାରେ ସାମିଲ ହୋଇଥିଲେ । ଯେଉଁମାନେ ସେପର୍ଯ୍ୟନ୍ତ ସୁଦ୍ଧା ମୁସଲମାନ ହୋଇ ନଥିଲେ, ରଣକ୍ଷେତ୍ରରୁ ପଳାୟନ କଲେ ଏବଂ ଏହି ଅଜଣା ପରାଜୟ ଏଥିଯୋଗୁଁ ହେଲା କାରଣ ଶତ୍ରୁ ହଠାତ୍ ଅତର୍କିତ ଭାବରେ ତୀର ବର୍ଷଣ କରିବା ଆରମ୍ଭ କରି ଦେଇଥିଲା । ଏହି ଘଟଣାର ଅତିରିକ୍ତ ବ୍ୟାଖ୍ୟା ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ଶେଷରେ ପ୍ରିୟ ହୁଜୁର ଅନୱର[ଅ.ବ] ଜର୍ମାନୀର ବାର୍ଷିକ ଧର୍ମ ସମ୍ମିଳନୀ ପରିପ୍ରେକ୍ଷୀରେ ଉପଦେଶ ପୂର୍ବକ କହିଲେ; ଅଲ୍ଲାଃତାଲା ସେମାନଙ୍କୁ ଜଲ୍‌ସାର ଉଦ୍ଦେଶ୍ୟ ପ୍ରାପ୍ତି କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ନିଜ ଜ୍ଞାନ, ଆଚାର

ବ୍ୟବହାର ଓ ଆଧ୍ୟାତ୍ମିକ ସ୍ତର ଉନ୍ନତି କରିବାର ସଙ୍କଳ୍ପ କରନ୍ତୁ ଏବଂ ଏହି ଦିଗରେ ନିରନ୍ତର ଭାବରେ ଉଦ୍ୟମ କରନ୍ତୁ । ବିଶେଷ ଭାବରେ ସେମାନେ ଅଲ୍ଲାଃଙ୍କ ଗୁଣଗାନ କରିବା ଓ ଦୁଆ କରିବାରେ ସମୟ ଅତିବାହିତ କରନ୍ତୁ । ଯେଉଁସ୍ଥଳେ ନିଜ ପାଇଁ ଦୁଆ କରିବେ ସେଠାରେ ନିଜ ସନ୍ତାନସନ୍ତତି, ଜମାଅତର ଉନ୍ନତି ଓ ସମସ୍ତ ବିରୋଧୀମାନଙ୍କ ଉପଦ୍ରବରୁ ସୁରକ୍ଷିତ ରହି ଅଲ୍ଲାଃଙ୍କ ଶରଣ ପ୍ରାପ୍ତି ହେବା ତଥା ଶତ୍ରୁର ପ୍ରତ୍ୟେକ ପ୍ରକାରର ମନ୍ଦ ଓ କୁଯୋଜନା ପଣ୍ଡ ହେବା ପାଇଁ ଦୁଆ କରନ୍ତୁ ।

ପୁନଶ୍ଚ ପାକିସ୍ତାନରୁ ମଧ୍ୟ ପ୍ରତିଦିନ କିଛି ନା କିଛି ଅଘଟଣ ଓ ହୃଦୟବିଦାରକ ଘଟଣାର ସୂଚନା ମିଳୁଅଛି । ସେମାନଙ୍କ ସକାଶେ ଦୁଆ କରିବେ ଅଲ୍ଲାଃତାଲା ଶୀଘ୍ର ବିରୋଧୀମାନଙ୍କର ଧରପକଡ କରନ୍ତୁ । ସାଧାରଣତଃ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଦୁଆ କରିବେ । ଏହି ସଂସାରବାସୀ ନିଜ କୁକର୍ମ ଯୋଗୁଁ ଧ୍ୱଂସାଭିମୂଖୀ ହୋଇ ଚାଲିଛନ୍ତି । ଅଲ୍ଲାଃତାଲା ସେହି ମହା ବିଭୀଷିକା ମୂଳକ କ୍ଷୟକ୍ଷତିରୁ (ଆମମାନଙ୍କୁ) ଉଦ୍ଧାର କରନ୍ତୁ । ମଧ୍ୟ ଏସିଆବାସୀଙ୍କ ସକାଶେ ମଧ୍ୟ ଦୁଆ କରିବେ ସେଠାକାର ସହିୱନୀ ପ୍ରଶାସନ ତ ଅନ୍ୟାୟ ଓ ଅତ୍ୟାଚାରର ସୀମା ଲଙ୍ଘନ କରିଯାଇଛି । ଏପରି ପ୍ରତୀତ ହେଉଛି କି ସେମାନେ (ଫିଲିସ୍ତିନବାସୀଙ୍କର) ସମୂଳବିନାଶ କରିଦେବେ । ନିରୀହ ପିଲା, ମହିଳା ଓ ବ୍ୟାଧିଗ୍ରସ୍ତ ଲୋକମାନଙ୍କୁ ମଧ୍ୟ ଅକଥନିୟ କଷଣ ଓ ଯାତନା ଦିଆଯାଉଛି, ପ୍ରତ୍ୟେକ ସ୍ଥାନରେ ନିର୍ମମ ଭାବରେ (ଲୋକମାନଙ୍କୁ) ହତ୍ୟା କରାଯାଉଛି । ଏବେ ତ କେତେକ ରାଜନେତା ଓ ପ୍ରଶାସକ ମଧ୍ୟ ସ୍ୱର ଉତ୍ତୋଳନ କରିବାକୁ ଲାଗିଲେଣି ଯେ, ଏସବୁ ଠିକ୍ ହେଉନି । ଏହାକୁ ବନ୍ଦ କର, କିନ୍ତୁ ତଥାପି ଇସ୍ରାଇଲ୍‌ର ଅତ୍ୟାଚାରୀ ପ୍ରଶାସକ କାହାରି କଥା ଶୁଣିବାକୁ ପ୍ରସ୍ତୁତ ନାହିଁ । ଧନ ଓ ଶକ୍ତିର ନିଶାରେ ଅନ୍ଧ ହୋଇ ତଥା ଆମେରିକା ଓ ତାହାର ସମର୍ଥକମାନଙ୍କ ସହଯୋଗ ଫଳରେ ଗର୍ବ ଓ ଅଂହକାରର ଚରଣ ସୀମାରେ ପହଞ୍ଚାଇ ଦେଇଛି । ମୁସଲମାନ ରାଷ୍ଟ୍ରମାନେ ମଧ୍ୟ ନିଷ୍କ୍ରିୟ ହୋଇ ବସି ରହିଛନ୍ତି । ଯଦି କିଛି କରିବାର କ୍ଷମତା ନାହିଁ ତେବେ ଅତି କମ୍‌ରେ ନିଜ ଅବସ୍ଥା ପରିବର୍ତ୍ତନ କରି ପରାକ୍ରମୀ ଅଲ୍ଲାଃଙ୍କ ଛାମୁରେ ନତମସ୍ତକ ହୁଅନ୍ତୁ ଯଦ୍ୱାରା ଅଲ୍ଲାଃତାଲା ସେହି ନିରୀହ ଲୋକମାନଙ୍କର ସାହାଯ୍ୟ କରିବେ । ସେମାନେ ଏକଥାକୁ ହୃଦୟଙ୍ଗମ କରନ୍ତେ କି! ଏହିପରି ମୁସଲମାନମାନେ ହିଁ ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଏପରି ବିଭର୍ଷ କାଣ୍ଡ ଭିଆଇବାରୁ ନିବୃତ୍ତ ରଖନ୍ତୁ । ଆଜି ଏହା ଅହମଦିମାନଙ୍କର କର୍ତ୍ତବ୍ୟ ଯେ, ସମସ୍ତ ପ୍ରକାରର ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତୁ ଓ ବିଶେଷ ଭାବରେ ନିଜ ପାଳନକର୍ତ୍ତା ନିକଟରେ ଆତୁରତାର ସହିତ ଦୁଆ କରନ୍ତୁ । ଅଲ୍ଲାଃତାଲା ଏଥିପାଇଁ ଆମମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** *** ***

Khulasa Khutba Juma Huzoor Anwar a.b.a

29th August 2025

*Translated to Odia by :* Moulavi Anwar Ahmad Khan